## ଆଜି କ'ଣ କେଉଁଠି

### ନାଲ୍‌କୋନଗର
■ନାଲ୍‌କୋ ଏମ୍ପ୍ଲଇଜ ସଂଘର ସପ୍ତାହିକ ବୈଠକ
ସ୍ଥାନ–ନେସ୍ କାର୍ଯ୍ୟାଳୟ
ସମୟ–ସନ୍ଧ୍ୟା ୭ଟା

### ବଅଁରପାଳ
■ଜିପିଏଲ କ୍ରିକେଟ ଟୁର୍ନାମେଣ୍ଟ ସେମିଫାଇନାଲ ମ୍ୟାଚ
ସ୍ଥାନ–ଗୋତମରା
ସମୟ– ଅପରାହ୍ଣ ୩ଟା

### ଅନୁଗୋଳ
■ଜିଲା ପ୍ରଶାସନ ପକ୍ଷରୁ ମାଟ୍ରିକ ଏ–୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା
ସ୍ଥାନ– ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ– ପୂର୍ବାହ୍ଣ ସାଢେ ୧୦ ଟା

## ସଂକ୍ଷେପରେ

### ପାରିବାରିକ ବିବାଦ: ୪ ଦମ୍ପତି ଥାନାର ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୩।୬- ସାବିତ୍ରୀ ବ୍ରତ ଥିଲେ ବି ସୋମବାର ପାରିବାରିକ ବିବାଦକୁ ନେଇ ପୁରୁଣାକୋଟ, ଛେଲିଆପଡ଼ା, କୁମୁରିସିଂହା ଓ କୁମଣ୍ଡର ୪ ଦମ୍ପତି ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ଶାଶୁ ଘର ଛାଡ଼ି ବାପ ଘରେ ୩ଜଣ ସ୍ତ୍ରୀ ରହୁଥିବାରୁ ୩ ସ୍ୱାମୀ ଏହାର ସମାଧାନ କରିବାକୁ ପୋଲିସକୁ ଗୁହାରି କରିଥିଲେ। ସେହିପରି ଅନ୍ୟ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀ ବିରୋଧରେ ଅଭିଯୋଗ କରିଥିଲେ। ସ୍ୱାମୀ ତାଙ୍କୁ ଖାଇବାକୁ ନ ଦେବା ସହ ମାରପିଟ କରୁଥିବା ସେ କହିଥିଲେ। ତେବେ ସମସ୍ତ ଅଭିଯୋଗ ଶୁଣିବା ପରେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ପୋଲିସ ଥାନାରୁ ବିଦା କରିଥିଲା।

### କୂଅ ସଫେଇ ବେଳେ ଶ୍ରମିକ ମୃତ

ତାଳଚେର,୩।୬(ନି.ପ୍ର.)- ତାଳଚେର ଥାନା ସୁନାଖଣି ଅଞ୍ଚଳରେ କୂଅ ସଫା କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଶ୍ୱାସରୁଦ୍ଧ ଯୋଗୁ ମୃତ୍ୟୁ ଘଟିଛି। ତାଙ୍କ ନାମ ଯୋଗୀ ବାଘ (୫୦) ଓ ଘର ଦୁମୁଦୁମା ଗ୍ରାମରେ। ଯୋଗୀ ଓ ତାଙ୍କ ଭାଇ ଗୋଡିବନ୍ଧ ଅଞ୍ଚଳରେ ଏକ କୂଅ ସଫା କରୁଥିଲେ। ପରେ ଯୋଗୀ ରାଜକିଶୋର ପ୍ରଧାନଙ୍କ କୂଅ ସଫା କରିବାକୁ ସୁନାଖଣି ଯାଇଥିଲେ। ତେବେ ସଫେଇ ବେଳେ ସେ ଗଭୀର କୂଅ ଭିତରେ ସଂଜ୍ଞାହୀନ ହୋଇପଡିଥିଲେ। ସ୍ଥାନୀୟ ଲୋକମାନେ ଚେଷ୍ଟା କରି ମଧ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ପରେ ତାଳଚେର ପୋଲିସ ଓ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ପୋଲିସ ଉପସ୍ଥିତିରେ ଦମକଳ କର୍ମଚାରୀମାନେ ଯୋଗୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ କରାଇବା ସହ ନଂ. ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କ୍ରୀଡ଼ା ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଅନୁଗୋଳ ଅଫିସ, ୩।୬- ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଜୟ କୁମାର ପ୍ରଧାନ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସତ୍ୟାନନ୍ଦ ଦଳବେହେରା, ଶିକ୍ଷାବିତ ବୃନ୍ଦାବନ ସ୍ୱାଇଁ, ପୂର୍ବତନ ଶିକ୍ଷକ ଦୁର୍ଗାଚରଣ ବିଶୋଇ, ଦୁଃଶାସନ ସେଠ, ପୁଷ୍ପଲତା ଦଳବେହେରା, କସ୍ତୁରୀ ଚରଣ ଭୂତିଆ, ଶିକ୍ଷୟିତ୍ରୀ ଭାଲେଣ୍ଟିନା ଦାଶ, ସ୍ନିଗ୍ଧାମୟୀ ଦେହୁରୀ, ଶିକ୍ଷକ ଗଗନ ବିହାରୀ ପ୍ରଧାନ, ଦେବେନ୍ଦ୍ର ନାଥ ପ୍ରଧାନ ଓ କର୍ମଚାରୀମାନେ ଯୋଗଦେଇ ଥିଲେ। କ୍ରୀଡ଼ା କ୍ଷେତ୍ରରେ ପ୍ରଧାନଙ୍କ ସହଯୋଗ ଓ ଅବଦାନ ସମ୍ପର୍କରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

### କାଳବୈଶାଖୀରେ କଲେଜ କ୍ଷତିଗ୍ରସ୍ତ



ବଇଣ୍ଡା,୩।୬(ଡି.ଏନ.ଏ.)- କିଶୋରନଗର ବ୍ଲକରେ ରବିବାର ହୋଇଥିବା କାଳବୈଶାଖୀରେ ବଇଣ୍ଡା ଜନତା କଲେଜର ବ୍ୟାପକ କ୍ଷତି ହୋଇଛି। କଲେଜରେ ଥିବା ଅନେକ ଶ୍ରେଣୀଗୃହରୁ ଆଜବେଷ୍ଟସ ଉଡ଼ିଯାଇଛି। ସେହିପରି ଗଛ ଡାଳ ଭାଙ୍ଗି ତାର ଉପରେ ପଡିଥିବାରୁ ବିଦ୍ୟୁତ୍ ବିଭ୍ରାଟ ସୃଷ୍ଟି ହୋଇଛି। ଅନେକ ଷ୍ଟ୍ରିଟ୍ ଲାଇଟ ମଧ ଭାଙ୍ଗିଯାଇଛି।

■ଅନୁଗୋଳ ଜୁନିୟର କଲେଜରେ ପାସ୍ ହାର ୭୭.୮୧%

# ଶ୍ରେଷ୍ଠ ୫ ମଧ୍ୟରେ ୪ ଛାତ୍ରୀ


ସ୍ନେହାକିତା ମିଶ୍ର


ପ୍ରିୟମ୍ବଦା ଜେନା


ଶୁଭସ୍ମିତା ମିଶ୍ର


ଅନୁପମା ବେହେରା


ସତ୍ୟବ୍ରତ ପଣ୍ଡା

ଅନୁଗୋଳ ଅଫିସ, ୩।୬

ଅନୁଗୋଳ ଜୁନିୟର କଲେଜରେ ଯୁକ୍ତ ୨ ବିଜ୍ଞାନ ଫଳାଫଳ ପ୍ରକାଶ ପାଇଛି। କଲେଜରେ ପାସ୍ ହାର ୭୭.୮୧ ପ୍ରତିଶତ ରହିଛି। ମୋଟ ୩୧୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୯୨ ପାସ୍ କରିଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୯୬ ଓ ୫୪ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୬୯ ଜଣ ଫେଲ୍ ହୋଇଥିବା ସୂଚନା ମିଳିଛି। ତେବେ ମହାବିଦ୍ୟାଳୟରେ ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ୪ ଜଣ ଛାତ୍ରୀ ରହିଛନ୍ତି। ଏହି ପାଞ୍ଚ ଜଣଙ୍କ ମଧ୍ୟରେ ସ୍ନେହାକିତା ମିଶ୍ର ୫୨୭ ନମ୍ବର ରଖି ପ୍ରଥମ ସ୍ଥାନରେ ଥିବାବେଳେ ପ୍ରଗତି ପ୍ରିୟମ୍ବଦା ଜେନା ୫୧୨ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସ୍ନେହାକିତାଙ୍କ ବଡ଼ ଭଉଣୀ ଶୁଭସ୍ମିତା ମିଶ୍ର ୫୦୧ ନମ୍ବର ରଖି ତୃତୀୟରେ ରହିଛନ୍ତି। ଚତୁର୍ଥ ସ୍ଥାନରେ ଅନୁପମା ବେହେରା(୪୯୬) ଏବଂ ପଞ୍ଚମରେ ଛାତ୍ର ସତ୍ୟବ୍ରତ ପଣ୍ଡା (୪୮୮) ରହିଥିବା ଜଣାପଡିଛି। ତେବେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପାସ ହାର କମିଛି। ୨୦୧୮ରେ ପାସ ପ୍ରତିଶତ ୮୪.୪୪ ରହିଥିଲା। ସେହିପରି ଗତ ବର୍ଷ ପ୍ରଥମ ଶ୍ରେଣୀରେ ୮୮ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିତ ବର୍ଷ ୯୨ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି।

### ମହିଳା ମହାବିଦ୍ୟାଳୟରେ ପାସ ହାର ୬୯.୩୫ ପ୍ରତିଶତ

ଅନୁଗୋଳ ଅଫିସ, ୩।୬

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସି) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ ଫଳାଫଳ ସୋମବାର ପ୍ରକାଶ ପାଇଛି। ଅନୁଗୋଳ ଜୁନିୟର କଲେଜର ଫଳାଫଳ ପ୍ରକାଶ ପାଇଥିଲେ ମଧ ଏହା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇପାରି ନ ଥିବା ସୂଚନା ମିଳିଛି। ମୋଟ୍ ୩୧୧ ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ କୃତକାର୍ଯ୍ୟ ହୋଇଛନ୍ତି ସେ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ନାହିଁ। ତେବେ ମହିଳା ମହାବିଦ୍ୟାଳୟରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ପାସ୍ ହାର ହ୍ରାସ ପାଇ ୬୯.୩୫ ରହିଥିବା ଅଧ୍ୟକ୍ଷା ସଙ୍ଗୀତା ଦାସ ସୂଚନା ଦେଇଛନ୍ତି। ମହିଳା କଲେଜରେ ମୋଟ୍ ୬୨ ଜଣ ପରୀକ୍ଷା ଦେଇଥିବାବେଳେ ୪୩ ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ପ୍ରଥମ ଶ୍ରେଣୀରେ, ୨୧ ଜଣ ଦ୍ୱିତୀୟ ଓ ୧୬ ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ୧୯ ଜଣ ଫେଲ୍ ହୋଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମହାବିଦ୍ୟାଳୟର ସାଗରିକା ନନ୍ଦ ୭୨.୬୬ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ମହାବିଦ୍ୟାଳୟର ପାସ ହାର ୮୦.୯୫ ରହିଥିଲା। ୬୩ ଜଣ ପରୀକ୍ଷା ଦେଇଥିବାବେଳେ ୫୧ ଜଣ ଛାତ୍ରୀ ପାସ କରିଥିଲେ।

ଚନ୍ଦ୍ରଶେଖର ଜୁନିୟର କଲେଜ

### ଚନ୍ଦନ ପ୍ରଥମ, ଅଙ୍କିତା ଦ୍ୱିତୀୟ


ଚନ୍ଦନ କୁମାର ସାହୁ


ଅଙ୍କିତା ପ୍ରଧାନ


ସୌମ୍ୟରଞ୍ଜନ ବେହେରା।

ବନ୍ତଳା, ୩।୬(ଡି.ଏନ.ଏ.)

ବନ୍ତଳା ଯୁକ୍ତ ୨ ଶ୍ରୀ ଚନ୍ଦ୍ରଶେଖର ଜୁନିୟର ମହାବିଦ୍ୟାଳୟରେ ମୋଟ ୧୭୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୨୦ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୪ ଜଣ ପ୍ରଥମ ଶ୍ରେଣୀରେ, ଦ୍ୱିତୀୟ ଶ୍ରେଣୀରେ ୩୪ ଓ ତୃତୀୟରେ ୬୨ ଜଣ ପାସ୍ ହୋଇଛନ୍ତି। ଚନ୍ଦନ କୁମାର ସାହୁ ସର୍ବାଧିକ ୪୫୧ ନମ୍ବର(୭୫.୧୬ ପ୍ରତିଶତ) ରଖିଛନ୍ତି। ଅଙ୍କିତା ପ୍ରଧାନ ୪୫୦(୭୫%) ଦ୍ୱିତୀୟ ଓ ସୌମ୍ୟରଞ୍ଜନ ବେହେରା ୪୪୪ (୭୩.୮%) ନମ୍ବର ରଖି ମହାବିଦ୍ୟାଳୟରେ ତୃତୀୟ ସ୍ଥାନରେ ଅଛନ୍ତି। ୨୦୧୮ରେ ପ୍ରଥମ ଶ୍ରେଣୀରେ ୧୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୧ ଓ ତୃତୀୟ ଶ୍ରେଣୀରେ ୬୦ ଜଣ ପାସ କରିଥିଲେ। ଚଳିତ ବର୍ଷ ପାସ୍ ହାର ୯ ପ୍ରତିଶତ ବୃଦ୍ଧି ପାଇଥିବା କଲେଜ ଅଧ୍ୟକ୍ଷ ଜଣାଇଛନ୍ତି।

### ବାପୁଜୀ କଲେଜରେ ସତ୍ୟନାରାୟଣ ପ୍ରଥମ

ଛେଣ୍ଡିପଦା, ୩।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା ୧୧୧ ଜଣଙ୍କ ମଧ୍ୟରୁ ୬୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୦ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୫ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୪୪ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୪୨ ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ଛାତ୍ର ସତ୍ୟନାରାୟଣ ସାହୁ ସର୍ବାଧିକ ୪୫୧ ନମ୍ବର ରଖି ପ୍ରଥମ ସ୍ଥାନରେ ଥିବାବେଳେ ୪୩୩ ନମ୍ବର ରଖି ଜ୍ଞାନରଞ୍ଜନ ଗଡନାୟକ ଦ୍ୱିତୀୟ ଓ ୪୨୮ ନମ୍ବର ରଖି ସିକୁନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରକାଶ କରିଛନ୍ତି।

## ଦୁର୍ଗାପୁର ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

ଛେଣ୍ଡିପଦା, ୩।୫(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ହାଇସ୍କୁଲରେ ଦୀର୍ଘ ଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଛି। ଛାତ୍ରୀଛାତ୍ରଙ୍କ ତୁଳନାରେ ଏଠାରେ ଶିକ୍ଷକ ନିଯୁକ୍ତ ହେଉ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏହି ସ୍କୁଲରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩ ଶହ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରଥମେ ସ୍କୁଲ୍‌ଟି ଘରୋଇ ଉଦ୍ୟମରେ ଗଢି ଉଠିଥିଲା। ଏହା ବ୍ଲକଗ୍ରାଣ୍ଟ ସ୍କୁଲ ହୋଇଥିବାରୁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। କଳା, ଗଣିତ, ବିଜ୍ଞାନ, ହିନ୍ଦୀ, ସଂସ୍କୃତ, କ୍ରୀଡାରେ ମାତ୍ର ଜଣେ ଲେଖାଏ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗତ ମାର୍ଚ୍ଚରେ ଏବଂ ଅନ୍ୟ ଜଣେ କଳା ଶିକ୍ଷକ ପ୍ରାୟ ୧ ବର୍ଷ ହେବ ଅବସର ଗ୍ରହଣ କରିସାରିଛନ୍ତି। ଏଥିସହ ଜଣେ କିରାଣି ୩ ବର୍ଷ ହେଲା ଅବସର ନେଇସାରିଥିଲେ ମଧ ହେଲେ ଆଜି ପର୍ଯ୍ୟନ୍ତ ଏହି ପଦବୀଗୁଡିକ ପୂରଣ ପାଇଁ ଦୃଷ୍ଟି ଦିଆଯାଉନାହିଁ। ଫଳରେ ପାଠପଢାରେ ଅସୁବିଧା ଉପୁଜିବା ସହ ସ୍କୁଲ ପରିଚାଳନାରେ ମଧ ସମସ୍ୟା ହେଉଛି। ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠି ଆର୍ଥିକ ଅନୁଦାନ କ୍ରମେ ଖାଲି ଥିବା ପଦବୀ ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ତଥା ପଞ୍ଚାୟତବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶରତଚନ୍ଦ୍ର ଗଡନାୟକ କୁହନ୍ତି, ଏହି ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ କର୍ମଚାରୀ ପଦବୀ ପୂରଣ ପାଇଁ ଜିଲା ଶିକ୍ଷା ବିଭାଗକୁ ସ୍ୱତନ୍ତ୍ର ଭାବେ ଅବଗତ କରାଯାଇଛି। ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ଜିଲା ଖଣିଜ ପାଣ୍ଠି ଆର୍ଥିକ ସହାୟତା କ୍ରମେ ଠିକା ଭିତ୍ତିକ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ ନିଆଯିବ। ଏ ନେଇ ଜିଲା ଖଣିଜ ପାଣ୍ଠି ବିକାଶ ବୋର୍ଡ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ନବୋଦୟରେ ୮୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

ବନ୍ତଳା, ୩।୬ (ଡି.ଏନ୍.ଏ)

ଅନୁଗୋଳ ଚମ୍ପତିମୁଣ୍ଡା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଛି। ଯେଉଁଥିରେ ଅନୁଗୋଳ ଜିଲାର ୩୮୧୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୦ ଜଣ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଥିମଧ୍ୟରେ ଆଠମଲ୍ଲିକ ବ୍ଲକର ୬ ଜଣ, ଅନୁଗୋଳ ବ୍ଲକର ୧୨, ବଅଁରପାଳ ବ୍ଲକର ୧୩, ଛେଣ୍ଡିପଦା ବ୍ଲକର ୧୭, କଣିହାଁ ବ୍ଲକର ୮, କିଶୋରନଗରର ୮, ପାଲଲହଡ଼ାର ୮ ଓ ତାଳଚେର ବ୍ଲକର ୮ ଜଣ ରହିଛନ୍ତି। ଜୁନ ୯ ତାରିଖ ମଧ୍ୟରେ ନାମଲେଖା ପାଇଁ ସୂଚନା ଦିଆଯାଇଛି।

### ମହିମାଜ୍ୟୋତିରେ ୯୯ ପ୍ରତିଶତ

ଅନୁଗୋଳ ଅଫିସ, ୩।୬

ଅନୁଗୋଳ ହାକିମପଡ଼ାସ୍ଥିତ ମହିମାଜ୍ୟୋତି ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ୯୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୮ ଜଣ ପ୍ରଥମ ଶ୍ରେଣୀରେ ଓ ୪୦ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ତେବେ ବିଦ୍ୟାଳୟରେ ମୋଟ ପାସ୍ ହାର ୯୯ ପ୍ରତିଶତ ରହିଛି ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ଫଟୋରେ ଖବର



ଛେଣ୍ଡିପଦା ବ୍ଲକ ଜରପଡା ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମ ୧୦ ନମ୍ବର ୱାର୍ଡର ଚାଷୀ ବଳରାମ କଠାରଙ୍କ ଗାଈ ରବିବାର ଏକ ସଙ୍ଗେ ଦୁଇଟି ମାଈ ବାଛୁରୀ ଜନ୍ମ ଦେଇଛି। ଖବରପାଇ ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀ ପହଞ୍ଚି ଗାଈ ଏବଂ ବାଛୁରୀର ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ।

### ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଟ୍ରକ୍ ହେଲପର ଗୁରୁତର

ବଡବିଲ, ୩।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡିଥାନା ଅନ୍ତର୍ଗତ ଲୋଇଡାପଦାଠାରେ ସୋମବାର ଏକ ଟ୍ରକ ଡାଲାରେ ଚଢିଥିବା ହେଲପର ହାଇଟେନଶନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଇମତିୟାଜ୍ ଅହମ୍ମଦ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରୁଗୁଡି ଥାନା ଅନ୍ତର୍ଗତ ଲୋଇଡାପଦାସ୍ଥିତ ଶ୍ରୀମେଟାଲିକ୍ସ ପ୍ଲାଣ୍ଟ ଅପରପାର୍ଶ୍ୱରେ ଥିବା ପାର୍କିଂସ୍ଥଳିରେ ଟ୍ରକ ଗୁଡିକ ଛିଡା ହୋଇଥିଲା। ଏହି ସମୟରେ ଏକ ଟ୍ରକ ଡାଲାରେ ଚଢି ହେଲପର ଇମତିୟାଜ୍ ପାଲ ଘୋଡାଉଥିଲାବେଳେ ଉପରେ ଯାଇଥିବା ହାଇ ଟେନଶନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଳିଯାଇଥିଲେ। ରୁଗୁଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ତାଙ୍କୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ପରେ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ଜଣାପଡିଛି। ଇମତିୟାଜ୍‌ଙ୍କର ୬୦ ପ୍ରତିଶତ ଶରୀର ପୋଡିଯାଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେହେଁ ଟ୍ରକକୁ ଜବତ କରିପାରିନାହାଁନ୍ତି।

### କ୍ଷତିପୂରଣ ମିଳିବା ପରେ ରାସ୍ତା ଅବରୋଧ ହଟିଲା

ଯୋଡ଼ା, ୩।୬(ଡି.ଏନ.ଏ.)

ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡିସ୍ଥିତ କେଏମ୍‌ସି ଗଣେଶ ମନ୍ଦିର ଛକଠାରେ ଡମ୍ପର ଚାପାରେ ରବିବାର ମୃତ୍ୟୁ ଘଟିଥିବା ନାବାଳକଙ୍କ ପରିବାରକୁ କ୍ଷତିପୂରଣ ମିଳିବା ପରେ ଅଞ୍ଚଳବାସୀ ରାସ୍ତା ଅବରୋଧରୁ ହଟିଛନ୍ତି। ମୃତ ନାବାଳକଙ୍କ ପରିବାରକୁ ଦୁର୍ଘଟଣା ଘଟାଇଥିବା ଡମ୍ପର ମାଲିକଙ୍କ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ୫୦ ହଜାର ଟଙ୍କାର କ୍ଷତିପୂରଣ ମିଳିବା ପରେ ରାସ୍ତା ଅବରୋଧରୁ ଓହରିବା ସହିତ ପୋଲିସକୁ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହସ୍ତାନ୍ତର କରିଥିଲେ।

■ଖବରଦାତାଙ୍କୁ ଆକ୍ରମଣ ଘଟଣା

### ଏସ୍‌ଡିପିଓଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁ

ବଇଣ୍ଡା, ୩।୬ (ଡି.ଏନ.ଏ.)

କିଶୋରନଗର ଥାନା ଧଉରାପାଲି ଗ୍ରାମର ଖବରଦାତା ଗୌରଚନ୍ଦ୍ର ସାହୁଙ୍କୁ ଶନିବାର ୩ ଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ନେଇ କିଶୋରନଗର ଥାନାରେ ଅଭିଯୋଗ ହୋଇଥିଲା। ତେବେ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯିବାରୁ ସୋମବାର ସନ୍ଧ୍ୟାରେ ଘଟଣାରେ ଆଠମଲ୍ଲିକ ଏସ୍‌ଡିପିଓ ହସ୍ତକ୍ଷେପ କରିବା ପରେ କିଶୋରନଗର ପୋଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ଘଟଣାରୁ ଜଣାପଡ଼ିଛି, ଗୌରଚନ୍ଦ୍ର ବାମୁରରୁ କାମ ସାରି ରାତି ୧୦.୩୦ରେ ବାଇକ ଯୋଗେ ଧଉରାପାଲି ଗ୍ରାମକୁ ଯାଉଥିଲେ। ୩ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ଧଉରାପାଲି ବନ୍ଧ ନିକଟସ୍ଥ ନିଛାଟିଆ ସ୍ଥାନରେ ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ଲୁଟ୍ ଉଦ୍ୟମ କରିଥିଲେ। ସେହି ସମୟରେ ୨ ଜଣ ବ୍ୟକ୍ତି ଆସୁଥିବା ଦେଖି ଦୁର୍ବୃତ୍ତମାନେ ପଳାଇଥିଲେ। ଏ ନେଇ ଗୌରଚନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏ ସମ୍ପର୍କରେ ସୂଚନା ପାଇ ଏସ୍‌ଡିପିଓ ସେକ ଅବଦୁଲ କରିମ କିଶୋରନଗର ଥାନାକୁ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରିବାସହ ନଂ. ୬୬/୧୯ରେ ଏକ ମାମଲା ରୁଜୁ କରିଛନ୍ତି। ଏସ୍‌ଡିପିଓ କରିମ କହିଛନ୍ତି, ଖବରଦାତା ଗୌରଚନ୍ଦ୍ର ଆକ୍ରମଣର ଶିକାର ହେବା ପରେ ସଙ୍ଗେ ସଙ୍ଗେ ଥାନାରେ ଅଭିଯୋଗ କରିଥିଲେ। କିଶୋରନଗର ପୋଲିସ ତଦନ୍ତରେ ବିଳମ୍ବ କରିଥିଲା। ତୁରନ୍ତ ଲୁଟେରାଙ୍କୁ କାବୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ କୌଣସି ପଦକ୍ଷେପ ନ ନେବା ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

■ଜୀବନ୍ତ ହେବ ଆଦିବାସୀ ସଂସ୍କୃତି

## ସୌନ୍ଦର୍ଯ୍ୟ ବଢ଼ାଇବ ଟ୍ରାଇବାଲ୍ ମ୍ୟୁଜିୟମ

(ଉପେନ୍ଦ୍ର ରାଉତ)
ବଅଁରପାଳ,୩।୬

ନାଲ୍‌କୋ କଲୋନୀର ପରିବେଶ ହେବ ଆହୁରି ଶାନ୍ତ, ଆହୁରି ସୁନ୍ଦର। ସେଥିପାଇଁ ଏକାଧିକ ପାର୍କ ଥିଲେ ବି କର୍ତ୍ତୃପକ୍ଷ କଲୋନୀ ମଧ୍ୟରେ ଆଉ ଏକ ଇକୋ ପାର୍କ ନିର୍ମାଣ କରୁଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି ପାର୍କ ମଧ୍ୟରେ ରହିବ ଟ୍ରାଇବାଲ ମ୍ୟୁଜିୟମ। ସେଥିରେ ଆଦିବାସୀ ସଂସ୍କୃତିକୁ ଏପରି ରୂପ ଦିଆଯିବ ଯେ ତାହା ଜୀବନ୍ତ ଭଳି ଲାଗିବ। ଚଳିତମାସ ଶେଷ ସୁଦ୍ଧା ପାର୍କ କାର୍ଯ୍ୟକ୍ଷମ ହୋଇଯିବ ବୋଲି ନାଲ୍‌କୋ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

ନାଲ୍‌କୋ ଟାଉନଶିପ୍‌ବାସୀ ଓ ଏଠାକୁ ଆସୁଥିବା ଲୋକମାନଙ୍କୁ ଏକ ମନଲୋଭା ପରିବେଶ ଭେଟିଦେବା ପାଇଁ ନାଲ୍‌କୋ ପକ୍ଷରୁ କଲୋନୀ ମଧ୍ୟରେ ମଧୁସୂଦନ ପାର୍କ, ଡିଅର ପାର୍କ, ଗୋପବନ୍ଧୁ ପାର୍କ ସହ ବିଭିନ୍ନ ମନ୍ଦିର ନିର୍ମାଣ କରାଯାଇଛି। ହେଲେ ଏବେ ନିର୍ମାଣ କରାଯାଉଥିବା ଇକୋ ପାର୍କ ଏହାଠାରୁ ସ୍ୱତନ୍ତ୍ର। କାରଣ ଏହି ପାର୍କ ମଧ୍ୟରେ ନିର୍ମିତ ହେବାକୁ ଥିବା ଟ୍ରାଇବାଲ ମ୍ୟୁଜିୟମ କଲୋନୀର ଶୋଭାକୁ ବହୁଗୁଣିତ କରିଦେବ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ ଆଶା କରାଯାଇଛି। ଏଥିରେ କୃତ୍ରିମ ପାହାଡ଼, ଝରଣା ଓ ରଙ୍ଗ ବେରଙ୍ଗର ଆଲୋକ ସାଜସଜ୍ଜା ରହିବ। ବିଶେଷକରି ଅନୁସୂଚିତ ଜନଜାତିଙ୍କ ସଂସ୍କୃତି, ପରମ୍ପରା ଉପରେ ଆଧାରିତ ବିଭିନ୍ନ ପ୍ରତିମୂର୍ତ୍ତି ଜୀବଜନ୍ତୁଙ୍କ ଛବି ସ୍ଥାନିତ କରାଯିବ। ଏହି ପାର୍କର ନାମ ସନ୍ଥକବି ଭୀମ ଭୋଇ ପାର୍କ ରଖାଯିବ ବୋଲି ନାଲ୍‌କୋ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନାଲ୍‌କୋ ସେଣ୍ଟ୍ରାଲ ମାର୍କେଟ ନିକଟ ଟାଉନଶିପର ୩ ନମ୍ବର ଗେଟ୍ ନିକଟରେ ଏହାର ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ପାର୍କ ନିକଟରେ ଆଦିକବି ଶୁଦ୍ରମୁନି ସାରଳା ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ, ବ୍ୟାସକବି ଫକୀରମୋହନ ସେନାପତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି।



ନାଲ୍‌କୋରେ ନିର୍ମାଣ ହେଉଥିବା ଇକୋ ପାର୍କ।

■ନାଲ୍‌କୋ କଲୋନୀରେ ଚାଲିଛି ଇକୋ ପାର୍କ ନିର୍ମାଣ
■ଜୁନ୍ ଶେଷ ସୁଦ୍ଧା ହେବ କାର୍ଯ୍ୟକ୍ଷମ
■୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ

ଏ ସମ୍ପର୍କରେ ନାଲ୍‌କୋ ଉଦ୍ୟାନ ବିଭାଗ ଦାୟିତ୍ୱରେ ଥିବା ଏଜିଏମ୍ ଶୁଭେନ୍ଦୁ ନାୟକ କୁହନ୍ତି, ନୂତନ ଭାବେ କରାଯାଉଥିବା ଏହି ପାର୍କରେ ବହୁ ପ୍ରାକୃତିକ ଦୃଶ୍ୟ ସ୍ଥାନ ପାଇଛି। ଚଳିତମାସ ଶେଷ ସପ୍ତାହ ମଧ୍ୟରେ ନିର୍ମାଣ ଶେଷ ହେବ। ଇଷ୍ଟେଟ ବିଭାଗ ପ୍ରବନ୍ଧକ ମଣିରଞ୍ଜନ ପଟ୍ଟନାୟକ କୁହନ୍ତି, ଟାଉନଶିପରେ ନୂତନ ଭାବେ ଏହି ପାର୍କ ନିର୍ମିତ ହେଉଛି। ସନ୍ଥକବି ଭୀମ ଭୋଇଙ୍କ ନାମରେ ଏହାର ନାମକରଣ ହେବ। ଏହା ଅତ୍ୟନ୍ତ ସୌନ୍ଦର୍ଯ୍ୟପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### କଳ୍ପନାଙ୍କ ପରିବାରକୁ ଭେଟିଲେ ଭାଜପା ନେତା

**ଢେଙ୍କାନାଳ ଅଫିସ, ୩।୬:** ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ପରଲୋକ ପରେ ଶୋକସନ୍ତପ୍ତ ପରିବାରକୁ ଚାରିଆଡୁ ସମବେଦନାର ସୁଅ ଛୁଟୁଛି। ସ୍ଥାନୀୟ କୁମ୍ଭାରସାହିସ୍ଥିତ ବାସଭବନରେ ସୋମବାର ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ପ୍ରମୁଖ ଆତ୍ମୀୟସ୍ୱଜନଙ୍କୁ ଭେଟି ସମବେଦନା ଜଣାଇଥିଲେ।

### ବୁଦ୍ଧେଶ୍ୱର ପୀଠ ଲୋକାରଣ୍ୟ

**ଭୁବନ, ୩।୬(ଡି.ଏନ.ଏ.):** ସାବିତ୍ରୀ ଅମାବାସ୍ୟା ଅବସରରେ ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠ ଲୋକାରଣ୍ୟ ହୋଇଉଠିଥିଲା। ୮୦୦ରୁ ଉର୍ଦ୍ଧ୍ୱ ଦମ୍ପତି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ବ୍ରତ ରଖିଥିଲେ। ନବ ଦମ୍ପତିଙ୍କ ମଧ୍ୟରେ ବ୍ରତପାଳନକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ମହାଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିବା ପୂଜକ ମହେଶ୍ୱର ମିଶ୍ର କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ମନ୍ଦିର କମିଟି କର୍ମକର୍ତ୍ତା ଏବଂ ପୋଲିସ ନିୟୋଜିତ ହୋଇଥିଲେ।

### ଘରେ ପଶିବା ଅଭିଯୋଗରେ ଅଭିଯୁକ୍ତ ଗିରଫ

**କାମାକ୍ଷାନଗର, ୩।୬(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ବାଇସିଙ୍ଗା ଗ୍ରାମର ବସନ୍ତ ସାହୁଙ୍କ ଘରେ ପଶିଥିବା ଅଭିଯୋଗରେ ପୋଲିସ ମୁଣ୍ଡିଦେଉଳି ଅଞ୍ଚଳର ମିର୍ଜା ନିଜାମ ବେଗ୍ (୨୫)ଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଶନିବାର ରାତିରେ ସ୍କାଏ ଲାଇଟ୍ ରାସ୍ତା ଦେଇ ଅଭିଯୁକ୍ତ ଘରେ ପଶିଥିଲେ। ଶବ୍ଦ ଶୁଣି ବସନ୍ତ ଉଠିପଡ଼ି ତାଙ୍କୁ କାବୁ କରିବା ପରେ ପୋଲିସ ଜିମା ଦେଇଥିଲେ। ଏ ନେଇ ନଂ. ୧୦୮/୧୯, ଦଫା ୪୫୭, ୩୮୦, ୫୧୧ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

### ବିଶ୍ୱ ସାଇକେଲ ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୩।୬:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍କଳ କାର୍ଯ୍ୟାଳୟରେ ସୋମବାର ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସାଇକେଲ ଚାଳନା ସ୍ୱାସ୍ଥ୍ୟ ପକ୍ଷେ ହିତକର। ଏହା ଦ୍ୱାରା ମାଂସପେଶୀ ସୁଦୃଢ଼ ହେବାସହ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ସମ୍ମାନିତ ଅତିଥି ପୂର୍ବତନ ବିଚାରପତି ପ୍ରଭାତ ସାହୁ ସାଇକେଲ ଚାଳନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କବି ବାହାଦୁର ପାଟସାହାଣୀ, ବିଚିତ୍ରାନନ୍ଦ ମହାନ୍ତି, ପ୍ରଫେସର ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା, ଶିକ୍ଷାବିତ୍ ଦୈତାରୀ ପରିଡା, ଲୋକନାଥ ମହାପାତ୍ର, ବିପିନ ବିହାରୀ ବେହେରା, କୁଞ୍ଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ୨ ଗୁରୁତର

**ଢେଙ୍କାନାଳ ଅଫିସ, ୩।୬:** ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ନିକଟ ବାରଦା ଛକରେ ସୋମବାର ଅପରାହ୍ନ ୫ଟା ୪୦ରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ଦେଉଳସାହିର ରଣଜିତ ପାଣି (୪୨) ଏବଂ କାମାକ୍ଷାନଗର ଉପଖଣ୍ଡ କନ୍ତିଓପୁଟସାହିର ପୂର୍ଣ୍ଣାନନ୍ଦ ସାହୁ (୪୫) ଗୁରୁତର ହୋଇଛନ୍ତି। ରଣଜିତ ଢେଙ୍କାନାଳ ଆସୁଥିବାବେଳେ କନ୍ତିଓପୁଟସାହି ଆଡକୁ ଯାଉଥିବା ପୂର୍ଣ୍ଣାନନ୍ଦଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

### ୫ରେ ସମ୍ପୂର୍ଣ୍ଣ କ୍ରାନ୍ତି ଦିବସ

**ଢେଙ୍କାନାଳ ଅଫିସ,୩।୬:** ଢେଙ୍କାନାଳ କାଠଗଡାସ୍ଥିତ ଗାନ୍ଧୀ ଅଧ୍ୟୟନ ଏବଂ ସମାଜସେବା ପ୍ରତିଷ୍ଠାନରେ ଜୁନ୍ ୫ ଅପରାହ୍ନ ସାଢ଼େ ୫ଟାରେ ସମ୍ପୂର୍ଣ୍ଣ କ୍ରାନ୍ତି ଦିବସ ପାଳିତ ହେବ। ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସର୍ବୋଦୟ ନେତା ଶୈଳଜା ରବି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଓଡ଼ିଶା ଖଦି ମଣ୍ଡଳ ଅଧ୍ୟକ୍ଷ ଆଇନଜୀବୀ ବୈଷ୍ଣବ ଦାସ, ପୂର୍ବତନ ବିଧାୟକ କିଶୋର ଦାସ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଭାଗନେବେ ବୋଲି ସମ୍ପୂର୍ଣ୍ଣ କ୍ରାନ୍ତି ଚେତନା ଅଭିଯାନର ଯୁଗ୍ମ ସଂଯୋଜକ ପ୍ରଶାନ୍ତ ମିଶ୍ର ଏବଂ ସରୋଜ ଶତପଥୀ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

---

■ଏ-୧ ଗ୍ରେଡ୍‌ଧାରୀଙ୍କୁ ସମ୍ବର୍ଦ୍ଧନା

# ‘ବୌଦ୍ଧିକ ଜ୍ଞାନ ବିକଶିତ କର’

**ଢେଙ୍କାନାଳ ଅଫିସ, ୩।୬**

କଠିନ ପରିଶ୍ରମ, ନିଷ୍ଠା, ଅଧ୍ୟବସାୟ ବିଦ୍ୟାର୍ଥୀ ଜୀବନର ମୂଳ ପୁଞ୍ଜି। ଦକ୍ଷତା ଏବଂ ବୌଦ୍ଧିକ ଜ୍ଞାନ ବିକଶିତ ହେଲେ ଛାତ୍ରୀଛାତ୍ରମାନେ ସଫଳ ମଣିଷ ହୋଇପାରିବେ। ଢେଙ୍କାନାଳ ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଶ୍ରେଷ୍ଠସ୍ଥାନ ହାସଲ କରିପାରିବ ବୋଲି କହିଛନ୍ତି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ। ମାଟ୍ରିକ୍ ପରୀକ୍ଷାରେ ଜିଲାରୁ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ସେ ଏହା କହିଥିଲେ। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୩୮ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସବୁକ୍ଷେତ୍ରରୁ ଉଦ୍ୟମ ହେଲେ ଜିଲା ଶିକ୍ଷାରେ ରାଜ୍ୟସ୍ତରରେ ପ୍ରଥମସ୍ଥାନ ହାସଲ କରିବ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ କହିଥିଲେ।


ସମ୍ବର୍ଦ୍ଧିତ ହୋଇଥିବା ଏ-୧ ଗ୍ରେଡ୍‌ଧାରୀ ଛାତ୍ରୀଛାତ୍ରମାନେ।

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ପାସ୍ ହୋଇଥିବା ଛାତ୍ରୀଛାତ୍ର ସମେତ ଶତପ୍ରତିଶତ ପାସ୍ ହାର ରଖିଥିବା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁଣ୍ଡିଚାନାଳୀସ୍ଥିତ ସରକାରୀ ଅପଗ୍ରେଡେଡ୍ ହାଇସ୍କୁଲ ଏବଂ ଢେଙ୍କାନାଳ ସଦର ବ୍ଲକ ବାରଦାସ୍ଥିତ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବି.ବି. ହାଇସ୍କୁଲର ମେଧାବୀ ଛାତ୍ରୀ ବିଷ୍ଣୁପ୍ରିୟା ପଣ୍ଡା ନିଜର ଅନୁଭୂତି ବାଣ୍ଟିଥିଲେ।

ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡା ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡିଇଓଙ୍କ କାର୍ଯ୍ୟାଳୟର ବିଜ୍ଞାନ ସୁପରଭାଇଜର ସୁକାନ୍ତ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ସମାରୋହରେ ବିଇଓ ଅଜୟ ପାତ୍ର, ହରିହର ଦେହୁରୀ, ନିତ୍ୟାନନ୍ଦ ବାରିକ, ମିନତି ଦେହୁରୀଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲାରେ ପାସ୍‌ହାର ଥିଲା ୭୨.୦୨%। ୨୭୦ ହାଇସ୍କୁଲର ୧୬,୮୨୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୧୨,୦୦୩ ଜଣ ପାସ୍ କରିଥିଲେ।

---

## ସେଲ୍ଫି କର୍ଣ୍ଣର


@ ସନ୍ଦୀପରାଜ୍


@ ରାଜେଶ୍

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

---

# ନୋ-ଇଓରସେଲ୍ଫ କର୍ମଶାଳା ଆରମ୍ଭ



କର୍ମଶାଳା ଯୋଗଦେଇଥିବା ପିଲାମାନେ।

**ଢେଙ୍କାନାଳ ଅଫିସ, ୩।୬**

ଢେଙ୍କାନାଳ କୁଞ୍ଜକାନ୍ତସ୍ଥିତ ଅଲଟରନେଟିଭ୍ ରିଦିମ ଥିଏଟର ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଛି ନୋ ଇଓରସେଲ୍ଫ (ନିଜକୁ ଜାଣନ୍ତୁ) କର୍ମଶାଳା। ଏହା ୩ରୁ ୬ ତାରିଖ ଯାଏ କୁଞ୍ଜକାନ୍ତ ଏବଂ ୭ରୁ ୧୩ ତାରିଖ ଯାଏଁ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ପରିସରରେ ଅନୁଷ୍ଠିତ ହେବ। କର୍ମଶାଳାରେ ମୋଟ ୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା ଗିନିଜ୍ ବୁକ୍ ରେକର୍ଡଧାରୀ ଚିତ୍ରଶିଳ୍ପୀ ଆଶୁତୋଷ ପାଣିଗ୍ରାହୀ, ନାଟ୍ୟକାର ଦୀନେଶ ଦାସ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଯୋଗ ପ୍ରଶିକ୍ଷକ ପ୍ରଳୟ ଦାସ ପ୍ରାତଃ ସମୟରେ ଯୋଗଶିକ୍ଷା ଦେଉଛନ୍ତି।

ପର୍ବତାରୋହୀ କଳ୍ପନା ଦାଶଙ୍କ ସ୍ମୃତିରେ ନାଟ୍ୟକାର ଦୀନେଶ ଦାସଙ୍କ ନିର୍ଦ୍ଦେଶନା ଏବଂ ରଚନାରେ ନାଟକ ‘କଳ୍ପନା: ଦି ୱାଣ୍ଡର’ ମଞ୍ଚସ୍ଥ ହେବ। ଏ ନେଇ ପ୍ରସ୍ତୁତି ଚାଲିଛି। ଏହି ନାଟକ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଯୋଜକ ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରଣା, ପ୍ରମୋଦ ଦାସ, ବିଜୟ ମିଶ୍ର, ହରେକୃଷ୍ଣ ସାହୁ, ଜୟଚନ୍ଦ୍ର ମହାପାତ୍ର, ପୁରୁଷୋତ୍ତମ ବେହେରା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

---

## ଭାଲୁ ଆକ୍ରମଣରେ ୨ ଆହତ

**କାମାକ୍ଷାନଗର, ୩।୬(ଡି.ଏନ୍.ଏ.)**

କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଅନ୍ତର୍ଗତ ଭଗୀରଥପୁର ଗ୍ରାମରେ ସୋମବାର ଭାଲୁ ଆକ୍ରମଣରେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସଂଯୁକ୍ତା ମହାପାତ୍ର (୩୨) ଏବଂ ଦୋଳଗୋବିନ୍ଦ ମହାନ୍ତି (୫୨)।

ପ୍ରାତଃ ସମୟରେ ଭାଲୁଟି ଗାଁ ଭିତରକୁ ପଶି ଆସିଥିଲା। ସଂଯୁକ୍ତା ଅଗଣା ଝାଡୁ କରୁଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏହାପରେ ରକ୍ତମୁଖା ଭାଲୁ ଦୋଳଗୋବିନ୍ଦଙ୍କୁ କାମୁଡ଼ି କ୍ଷତାକ୍ତ କରିଦେଇଥିଲା। ଉଭୟଙ୍କୁ ଗ୍ରାମବାସୀ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସଂଯୁକ୍ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୋଳଗୋବିନ୍ଦଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି।

ହିଂସ୍ର ଭାଲୁ ରାମିଆଳ ନଦୀ ପାଖ ଆମ୍ବତୋଟା ଅଞ୍ଚଳରେ ଅଛି। ପୁଣି ଥରେ ଜନବସତିକୁ ପଶିଆସିବା ଆଶଙ୍କା ଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁ ବନ କର୍ମଚାରୀଙ୍କ ସହ ପହଞ୍ଚି ଭାଲୁର ଗତିବିଧି ଉପରେ ନଜର ରଖିଛନ୍ତି। ଆହତଙ୍କୁ ଚିକିତ୍ସା ସହାୟତା ଦିଆଯାଇଛି। କଟକରେ ଚିକିତ୍ସିତ ହେଉଥିବା ମହିଳାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି ।

---

■ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପୋତିଦେଲେ ଡ୍ରେନ୍

# ଘରେ ପଶୁଛି ନର୍ଦ୍ଦମା ପାଣି

**ଭୁବନ, ୩।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଡ୍ରେନ୍‌ଗୁଡ଼ିକ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବାରୁ ନର୍ଦ୍ଦମା ପାଣି ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। କେତେକ ସ୍ଥାନରେ ବ୍ୟକ୍ତିଗତ ସ୍ୱାର୍ଥସାଧନ ଲାଗି ନାଳ ପୋତି ଦିଆଯାଇଛି। ସାମାନ୍ୟ ବର୍ଷା ହେଲେ ଦୁର୍ଗନ୍ଧ ପଚାପାଣି ଘରେ ପଶୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ଦେଉନାହାଁନ୍ତି। ଦିନକୁ ଦିନ ସ୍ଥିତି ଗମ୍ଭୀର ହେଉଥିବାବେଳେ ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।

ଏନ୍‌ଏସିର ସବୁଠାରୁ ବ୍ୟସ୍ତବହୁଳ ୨ନଂ. ୱାର୍ଡରେ ଶତାଧିକ ପରିବାର ବାସ କରୁଛନ୍ତି। କାଳୀବଜାର ଭଳି ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଏହି ୱାର୍ଡରେ ଅବସ୍ଥିତ। ଏହି କାରଣରୁ ଦୈନିକ ଜିଲା ତଥା ଜିଲା ବାହାରୁ ହଜାର ହଜାର ବ୍ୟବସାୟୀ ଏଠାକୁ ଆସିଥାନ୍ତି। ସେହିପରି କାଳୀବଜାରଠାରୁ ଅରବିନ୍ଦ ମାର୍ଗ ଦେଇ ଯାଇଥିବା ଡ୍ରେନ୍ ଆବର୍ଜନା ଜଳ ନିଷ୍କାସନର ବଡ଼ ମାଧ୍ୟମ। ହାପି ଅଟୋ ନିକଟରେ ଜଣେ ମୁଷ୍ଟିମେୟ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଡ୍ରେନ୍‌କୁ ମାଟି ପକାଇ ପୋତି ଦେଇଛନ୍ତି। ଫଳରେ ସାମାନ୍ୟ ବର୍ଷା ହେଲେ ଡ୍ରେନ୍‌ରୁ ପାଣି ଉଛୁଳି ଘରେ ପଶୁଛି। ଏଥିରୁ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟ ବାଦ୍ ପଡୁନି। ରାସ୍ତାରେ ନର୍ଦ୍ଦମା ଜଳ ଜମିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନେ ଆବର୍ଜନା ପାଣି ଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଶତ୍ରୁଘ୍ନ ପୃଷ୍ଟିଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଶନିବାର ଦାବିପତ୍ର ଦେଇଥିଲେ। ଏଥିପୂର୍ବରୁ ଏ ସମ୍ପର୍କରେ ଜିଲା ପ୍ରଶାସନର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଜନସାଧାରଣ ନର୍ଦ୍ଦମା ପାଣିରେ ଘାଣ୍ଟି ହେଉଥିବାବେଳେ ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାର ତୁରନ୍ତ ପ୍ରତିକାର କରା ନ ଗଲେ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଅଞ୍ଚଳବାସୀ କହିଛନ୍ତି।


ମାଟି ପକାଇ ନାଳ ପୋତିଦିଆଯାଇଛି।

■ଭୁବନ ଏନ୍‌ଏସିରେ ଅସଜଡ଼ା ପରିମଳ

■ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ

■ବଢୁଛି ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ କୁହନ୍ତି, ଅଞ୍ଚଳର ଜଣେ ବ୍ୟକ୍ତି ମାଟି ପକାଇ ଡ୍ରେନ୍ ଅବରୋଧ କରି ରଖିଛନ୍ତି। ଏ ନେଇ ତାଙ୍କୁ ନୋଟିସ୍ କରାଯାଇଛି। କନିଷ୍ଠ ଯନ୍ତ୍ରୀ ଚେତାବନୀ ଦେବା ସତ୍ତ୍ୱେ ସେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଏତଲା ଦିଆଯିବ। ଏଥିସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

---

■ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳକଙ୍କ ମୃତ୍ୟୁ

# ଚିକିତ୍ସା ଅବହେଳା ଅଭିଯୋଗ


ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି।

**ଢେଙ୍କାନାଳ ଅଫିସ, ୩।୬**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ନାବାଳକଙ୍କ ମୃତ୍ୟୁକୁ ନେଇ ସୋମବାର ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ହେଲେ ପାଞ୍ଚକାହାଣିଆ ଗ୍ରାମର ରାକେଶ ଦେହୁରୀ (୧୬)। ଚିକିତ୍ସା ଅବହେଳାରୁ ରାକେଶଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ରାକେଶଙ୍କୁ ପରିବାର ଲୋକେ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିଲା। ଏହାପରେ ଡାକ୍ତରମାନେ ତାଙ୍କୁ କଟକ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ସୋମବାର ପରିବାର ଲୋକେ କଟକ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ମଧ୍ୟାହ୍ନରେ ରାକେଶଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। ହେଲେ ୧୨ଟା ୪୫ରେ ହଠାତ୍ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ରାକେଶଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିବା ସହ ହୋହଲ୍ଲା କରିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

---

■ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶିତ

# ଜୁନିୟର କଲେଜରେ ୯୦.୨୩%

**ଢେଙ୍କାନାଳ ଅଫିସ/ଭାପୁର(ଡି.ଏନ୍.ଏ.), ୩।୬**

ପ୍ରକାଶ ପାଇଛି ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ। ଢେଙ୍କାନାଳ ଜୁନିୟର କଲେଜର ପାସ୍ ହାର ରହିଛି ୯୦.୨୩%। ପରୀକ୍ଷା ଦେଇଥିବା ୨୫୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରେ ୧୩୧ ପ୍ରଥମ, ୮୩ ଦ୍ୱିତୀୟ ଏବଂ ୨୫ ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ୧୨ଜଣ ଅକୃତକାର୍ଯ୍ୟ ହୋଇଥିବାବେଳେ ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସର୍ବାଧିକ ମାର୍କ ରଖିଥିବା ପ୍ରିୟନା ପୃଷ୍ଟି କଲେଜ ଟପ୍ପର ହୋଇଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ତପନ ସେଠୀ ସୂଚନା ଦେଇଛନ୍ତି।

ସେହିପରି ମହିଳା କଲେଜରେ ପାସ୍ ହାର ରହିଛି ୮୩.୪୮%। ମୋଟ ୧୦୯ଜଣ ପରୀକ୍ଷା ଦେଇଥିବାବେଳେ ୯୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୬, ଦ୍ୱିତୀୟ ଶ୍ରେଣୀରେ ୪୧, ତୃତୀୟ ଶ୍ରେଣୀରେ ୨୪ ଜଣ ପାସ୍ କରିଛନ୍ତି। ୪୪୮ ମାର୍କ ରଖିଥିବା ଗୀତାଶ୍ରୀ ଶୁଭଜିତ୍ରା କଲେଜ ଟପ୍ପର ହୋଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ କଲେଜର ଯୁକ୍ତ ୨ ପରୀକ୍ଷା ଦେଇଥିବା ୭୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୧, ଦ୍ୱିତୀୟ ଶ୍ରେଣୀରେ ୨୨ ଏବଂ ତୃତୀୟ ଶ୍ରେଣୀରେ ୧୩ଜଣ ଅଛନ୍ତି। ବିଶ୍ୱେଶ୍ୱର ସାମଲ ୪୯୪, ଯଶକେତନ ନାଏକ ୪୮୨, ଆଲୋକ ପ୍ରଧାନ ୪୫୯ ମାର୍କ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ବ୍ୟାଙ୍କ ଅଧିକାରୀ ହେବି: ପ୍ରିୟନା



ଢେଙ୍କାନାଳ ଜୁନିୟର କଲେଜ ଯୁକ୍ତ୨ ବିଜ୍ଞାନରେ ୮୭% ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି ପ୍ରିୟନା ପୃଷ୍ଟି। ସେ ୬୦୦ରୁ ୫୨୨ ମାର୍କ ରଖିଥିବାବେଳେ ଭବିଷ୍ୟତରେ ଜଣେ ବ୍ୟାଙ୍କ ଅଧିକାରୀ ହେବେ ବୋଲି ଲକ୍ଷ୍ୟ ରଖିଥିବା କହିଛନ୍ତି। ପ୍ରିୟନା ହେଉଛନ୍ତି ରାସୋଳ ପଞ୍ଚାୟତ ନାଉକିଆରି ଗ୍ରାମର ସୁଶାନ୍ତ ପୃଷ୍ଟିଙ୍କ ବଡ଼ ଝିଅ।

### ଇ-ଟେକ୍‌ରେ ୧୯୩ ଫାଷ୍ଟ କ୍ଲାସ୍


ଶିବାଶିଷ ପାଣି


ଶ୍ରଦ୍ଧାଞ୍ଜଳି ସାହୁ

ଢେଙ୍କାନାଳ ଜିଲା ଇ-ଟେକ୍ କଲେଜରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ୨୨୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯୩ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି, ଯାହା ହାରାହାରି ୮୪.୫୪ %। ୪୨ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଛାତ୍ର ଶିବାଶିଷ ପାଣି ସର୍ବାଧିକ ୫୫୪ ଏବଂ ଛାତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ୫୪୮ ମାର୍କ ରଖି ଅନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଲେଜର ଅଧ୍ୟାପିକାଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ, ଙ୍କ ଉଦ୍ୟମ ଯୋଗୁ ଏହି ସଫଳତା ମିଳିପାରିଛି ବୋଲି ଅଧ୍ୟକ୍ଷ କହିଛନ୍ତି।

## ସଂକ୍ଷେପରେ

### ମଦଭାଟିରୁ ଡକାୟତି ଉଦ୍ୟମ
## ୨ ଗିରଫ, ଜଣେ ଫେରାର

**ଭାପୁର, ୩।୬ ( ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ଗଞ୍ଜରା ଗ୍ରାମ ନିକଟ ସରକାରୀ ଦେଶୀ ମଦଭାଟିରୁ ରବିବାର ଅପରାହ୍ନରେ ଡକାୟତି ଉଦ୍ୟମ ହୋଇଛି। ଭାଟିରେ କାର୍ଯ୍ୟରତ କର୍ମଚାରୀ ଜଣେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ମିଳନ ନାଏକ। ତାଙ୍କ ନିକଟରୁ ଏକ ବାଇକ୍ ଏବଂ ବନ୍ଧୁକ ଜବତ କରାଯାଇଛି। ଅଭିଯୁକ୍ତଙ୍କ ସୂଚନା ଆଧାରରେ ଏଥିରେ ସହଯୋଗୀ କାଳିଆ ନାଏକଙ୍କୁ ଢେଙ୍କାନାଳରୁ ପୋଲିସ ଗିରଫ କରିଛି। ଅନ୍ୟଜଣେ ଫେରାର ଥିବା ଜଣାପଡ଼ିଛି। ରବିବାର ଅପରାହ୍ନରେ ଏକ ବାଇକ୍‌ରେ ସମ୍ପୃକ୍ତ ୩ଜଣ ଦେଶୀ ମଦଭାଟିକୁ ଆସି ବନ୍ଧୁକ ଦେଖାଇ ଲୁଟ୍‌ପାଟ୍ କରିଥିଲେ। କ୍ୟାଶ କାଉଣ୍ଟରରେ ଥିବା ୧୫ ହଜାର ଟଙ୍କା ନେଇ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ମିଳନଙ୍କୁ କର୍ମଚାରୀମାନେ ମାଡ଼ି ବସିଥିଲେ। ଅନ୍ୟ ୨ଜଣ ଖସିଯାଇଥିଲେ। ଏ ନେଇ ନଂ. ୫୭/୧୯ରେ ମାମଲା ରୁଜୁ କରାଯାଇଛି।

ଧରାପଡ଼ିଥିବା ଅଭିଯୁକ୍ତମାନେ ଥାନା ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରିଚାଲିଥିଲେ। ମଙ୍ଗଳପୁର ପେଟ୍ରୋଲ ପମ୍ପ ସମେତ ଏକାଧିକ ଡକାୟତି ଘଟଣାରେ ଏମାନଙ୍କ ସମ୍ପୃକ୍ତି ରହିଛି। ପଚରାଉଚୁରାବେଳେ ମିଳନ ଏବଂ କାଳିଆ ଏହା ସ୍ୱୀକାର କରିଛନ୍ତି। ଦୁଇଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ। ଫେରାର ଅଭିଯୁକ୍ତ ଶୀଘ୍ର ଧରାପଡ଼ିବେ ବୋଲି ପୋଲିସ କହିଛି।

## ସ୍ତ୍ରୀଙ୍କୁ ଆଇରନ ଚେଙ୍କ, ସ୍ୱାମୀ ଗିରଫ

**ଖଇରା,୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଡ଼ପୋଖରୀ ଗ୍ରାମରେ ରବିବାର ଅପରାହ୍ନରେ ସ୍ତ୍ରୀକୁ ଆଇରନ ଚେଙ୍କ ଦେବା ନେଇ ଅଭିଯୋଗ ହୋଇଛି। ଖଇରା ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା (ନଂ.୧୦୫/୧୯) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଶାନ୍ତନୁ ମହାନ୍ତିଙ୍କୁ ସୋମବାର ଗିରଫ କରିଛି। ସ୍ତ୍ରୀ ରଞ୍ଜିତା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କର ବିବାହ ଅନ୍ୟୁନ ୭ବର୍ଷ ତଳେ ହୋଇଥିଲା। ବାପଘରୁ ଅଧିକ ଯୌତୁକ ଆଣିବା ଲାଗି ତାଙ୍କୁ ସବୁବେଳେ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଉଥିଲା। ରବିବାର ପୁନଶ୍ଚ ଏହି ଘଟଣାକୁ ନେଇ ତାଙ୍କୁ ଆଇରନ ଚେଙ୍କ ଦିଆଯାଇଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ ଖଇରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଥାନା ପକ୍ଷରୁ କୁହାଯାଇଛି।

### ■ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି କିଶୋରଗଞ୍ଜ ଉପ ଡାକଘର
# ଢେଙ୍କାନାଳ ଡାକପାଳଙ୍କୁ ଦାବିପତ୍ର

**ବଇଣ୍ଡା,୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଅଧୀନରେ ଥିବା କିଶୋରଗଞ୍ଜ ଉପ ଡାକଘର ବର୍ତ୍ତମାନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଫଳରେ ଲୋକେ ଠିକ୍ ଭାବେ ସେବା ପାଇ ପାରୁ ନାହାନ୍ତି। ସେହିପରି ବିଭାଗ ପକ୍ଷରୁ ଏହାର ସମାଧାନ କରାଯାଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମବାସୀ ଏକ ଦାବିପତ୍ର ସୋମବାର ବଇଣ୍ଡା ସ୍ଥିତ କିଶୋରଗଞ୍ଜ ଉପଡାକ ଘରର ଭାରପ୍ରାପ୍ତ ସବ୍‌ପୋଷ୍ଟ ମାଷ୍ଟର ଅନୀଲ କୁମାର ସାହୁଙ୍କ ଜରିଆରେ ଢେଙ୍କାନାଳ ଡାକପାଳଙ୍କୁ ପ୍ରଦାନ କରିଛନ୍ତି।


ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗ୍ରାମବାସୀ ଦାବିପତ୍ରରେ ଦର୍ଶାଇଛନ୍ତି, ରାଜା ରାଜୁଡ଼ା କାଳରୁ ଏହି ପୋଷ୍ଟ ଅଫିସ ସ୍ଥାପନ ହୋଇଥିବାବେଳେ ଅନେକ ସମସ୍ୟା ଲାଗି ରହିଛି। ପୋଷ୍ଟ ଅଫିସର ନିଜସ୍ୱ ଗୃହ ନ ଥିବାବେଳେ ଭଡ଼ା ଘରେ କାର୍ଯ୍ୟାଳୟ ଚାଲୁଛି। ବିଶେଷ କରି ଏହି ଡାକ ଘରେ ୧୯ଟି ଶାଖା ଡାକଘର ସହ ନୁନୁକାପଶି, ଜାମୁନାଳୀ, ଗାଁ ବଇଣ୍ଡା ୩ଟି ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ସରକାରୀ କାର୍ଯ୍ୟାଳୟ ନିର୍ଭର କରୁଛନ୍ତି। ହେଲେ ଜଣେ ସ୍ଥାୟୀ ସବପୋଷ୍ଟ ମାଷ୍ଟର ନିଯୁକ୍ତି ଦିଆଯାଉ ନ ଥିବାବେଳେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ସେହିଭଳି ଏହି ୩ ଟି ପଞ୍ଚାୟତର ୩୫ କିମି ପର୍ଯ୍ୟନ୍ତ ଚିଠି ବଣ୍ଟନ କରୁଥିବା ପୋଷ୍ଟମ୍ୟାନ ଯୁଧିଷ୍ଠିର ମାଝୀ ଜାନୁୟାରୀ ମାସରୁ ଅବସର ନେଇ ଯାଇଛନ୍ତି। ତେବେ ତାଙ୍କ ସ୍ଥାନରେ ସ୍ଥାୟୀ ପୋଷ୍ଟମ୍ୟାନ ୧୫ ଦିନ ହେବ ନିଯୁକ୍ତି କରାଯାଇଥିଲେ ମଧ୍ୟ ସେ ଠିକ୍ ଲୋକଙ୍କୁ ଚିଠି ବଣ୍ଟନ କରିପାରୁ ନାହାନ୍ତି।

ସେହିପରି ଡାକ ଘରେ ଥିବା ପ୍ରିଣ୍ଟରଟି ଦୀର୍ଘ ଦିନ ହେବ ଅଚଳ ହୋଇପଡ଼ିଥିବାବେଳେ ମରାମତି କିମ୍ବା ନୂତନ ପ୍ରିଣ୍ଟର ଲଗାଯାଉ ନ ଥିବା ଯୋଗୁ ହାତଲେଖାରେ ପ୍ରମାଣ ପତ୍ର ରେଜିଷ୍ଟ୍ରି, ସ୍ପିଡପୋଷ୍ଟଧାରୀଙ୍କୁ ଦିଆଯାଉଛି। ଏ ସବୁ ସମସ୍ୟା ସମାଧାନ କରି ଖୁବଶୀଘ୍ର ୨ ଜଣ ପୋଷ୍ଟ ମ୍ୟାନ, ସ୍ଥାୟୀ ସବପୋଷ୍ଟ ମାଷ୍ଟର, ନୂତନ ପ୍ରିଣ୍ଟର ଓ ସରକାରୀ ଜାଗା ଚିହ୍ନଟ କରି ନୂତନ ନିଜସ୍ୱ ଡାକଗୃହ ନିର୍ମାଣ କରିବା ପାଇଁ ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ରମେଶ ଚିବୃଓ୍ୱାଲା, ଗିରିଷଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସାହୁ, ସନ୍ଦିପ ବେହେରା, ପରିକ୍ଷିତ ସାହୁ, ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ସରୋଜ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ପରିବେଶ ଦିବସରେ ଗଛ ଲଗାଇବ ନାଲ୍‌କୋ

**ବଣ୍ଟରପାଳ, ୩।୬(ଡି.ଏନ.ଏ.)**

ଆସନ୍ତା ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ନାଲ୍‌କୋ ପକ୍ଷରୁ ସୋମବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ନାଲ୍‌କୋ ଉଦ୍ୟାନ ପରିସରରେ ଡିଜିଏମ୍ ଏସ୍ କେ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦିବସ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ପାଇଁ ଆଲୋଚନା କରାଯାଇଥିଲା। ନାଲ୍‌କୋ ସ୍ମେଲଟର ଓ ସିପିପିର ବିଭନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯିବା ସହ ଲୋକଙ୍କୁ ଗଛ ଲଗାଇବା ଏବଂ ପରିବେଶକୁ ସୁରକ୍ଷିତ ରଖିବା ଉପରେ ବାର୍ତ୍ତା ଦିଆଯିବ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏଥିରେ ନାଲ୍‌କୋ ସୁରକ୍ଷା ବିଭାଗ ଡିଜିଏମ କେ. ସି ସାହୁ, ଏଜିଏମ ଶୁଭେନ୍ଦୁ ନାୟକ, ଏଜିଏମ ଅଭିଜିତ୍ ସିହ୍ନା, ଉଦ୍ୟାନ ବିଭାଗର ବରିଷ୍ଠ ପ୍ରବନ୍ଧକ ଉମାକାନ୍ତ ମହାରଣାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ନାଲ୍‌କୋର ଅଧିକାରୀମାନେ।

### ■ଜିଲା ଚିକିତ୍ସାଳୟ ଦୁର୍ନୀତି ମାମଲା
## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ କର୍ମଚାରୀ

**ଢେଙ୍କାନାଳ ଅଫିସ, ୩।୬**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଦୁର୍ନୀତି ମାମଲାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଡାକ୍ତର ଏବଂ କର୍ମଚାରୀ। ଏ ନେଇ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିରେ ଅବହେଳା କରାଗଲେ ଆସନ୍ତା ସପ୍ତାହରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କାର୍ଯ୍ୟରତ କର୍ମଚାରୀ ଚେତାବନୀ ଦେଇଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବିନା ନିର୍ଦ୍ଦେଶରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବାଜିଚୌକସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ପରିବହନ ବାବଦକୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍ କରାଯାଇଥିଲା। ନୂତନ ଜିଲା ଚିକିତ୍ସାଧିକାରୀ କାର୍ଯ୍ୟରେ ଯୋଗଦେବା ପରେ ଏହାର ଅଡିଟ୍ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏହି କାର୍ଯ୍ୟରେ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଥିଲା। ଏହାର ସିବିଆଇ ତଦନ୍ତ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟରେ ଜଣେ ଠିକା କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ଏହାକୁ କାର୍ଯ୍ୟକାରୀ କରିବା ବେଳକୁ ସିଡିଏମ୍‌ଓଙ୍କ ଉପରେ ପ୍ରଶାସନିକ ଚାପ ପଡ଼ିଥିଲା। ଗଠନମୂଳକ କାର୍ଯ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସହଯୋଗ କରିବା, ଜିଲା ଚିକିତ୍ସାଳୟକୁ ଦୁର୍ନୀତିମୁକ୍ତ ଏବଂ ଆଦର୍ଶ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଦିଗରେ ଆବଶ୍ୟକ ସହଯୋଗ କରିବାକୁ ବରିଷ୍ଠ ଚିକିତ୍ସକ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡା. ବିଦ୍ୟୁତ୍ କୁମାର ନନ୍ଦ, ଡା. ସଂକଳ୍ପ କେଶରୀ ଭୋଳ, ଡା. ଶାନ୍ତା ନିବେଦିତା ପ୍ରମୁଖଙ୍କ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଭୋଗରାଇ,୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବର୍ଦ୍ଧନା ଗ୍ରାମର ଚାଷୀ ଲୁଲୁ ପରିଡ଼ା (୩୫) ସୋମବାର ମଧ୍ୟାହ୍ନରେ ଚାଷଜମିକୁ କାର୍ଯ୍ୟ କରିବାକୁ ଯାଉଥିବାବେଳେ ଅସହ୍ୟ ଗୁଳୁଗୁଳି ଓ ଖରା ତାତି ସହି ନ ପାରି ସେଠାରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ହସ୍‌ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଲୁଲୁଙ୍କ ମୃତ୍ୟୁ ଅଂଶୁଘାତରେ ହୋଇଥିବା ପରିବାରବର୍ଗ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ବେଆଇନ ବାଲି ଚାଲାଣ ବନ୍ଦ ଦାବି




**ଭୁବନ, ୩।୬(ଡି.ଏନ.ଏ.)**

ଭୁବନ ରାଜସ୍ୱ ବିଭାଗ ପକ୍ଷରୁ ନିଲାମ ଦିଆଯାଇଥିବା ବାଲି ଖାଦାନଗୁଡ଼ିକରୁ ବେଆଇନ ବାଲି ଚାଲାଣ ବଢ଼ିବାରେ ଲାଗିଛି। ସରକାରୀ ନୀତିନିୟମକୁ ବେଖାତିର କରି ହାଇଓ୍ୱା, ଟ୍ରକ୍‌ରେ ମନଇଚ୍ଛା ବାଲି ଚାଲାଣ କରାଯାଉଛି। ବାଲିଘାଟରେ ମୂଲ୍ୟ ସମ୍ପର୍କିତ ଫଳକ ଲଗାଯାଇନାହିଁ କିମ୍ବା ବାଲି ଖାଦାନ ସୀମା ନିର୍ଦ୍ଧାରଣ ହୋଇନାହିଁ। ଏହାର ସୁଯୋଗ ନେଉଛନ୍ତି ନିଲାମଧାରୀ। ସେମାନେ ଆଇନ ଉଲ୍ଲଂଘନ କରି ବ୍ରାହ୍ମଣୀ ନଦୀ, ପାଣ୍ଡରା ନାଳ, ରାମିଆଳ ନଦୀରୁ ଚୋରାରେ ଦିନରାତି ବାଲି ଉଠାଉଛନ୍ତି।

ଅଧିକାଂଶ ଭାରିଯାନରେ ମାତ୍ରାଧିକ ବାଲି ବୋଝେଇ କରାଯାଉଛି। ପାଲ ମଧ୍ୟ ଘୋଡ଼ାଯାଉନାହିଁ। ଫଳରେ ସାମାନ୍ୟ ପବନରେ ବାଲି ଉଡ଼ି ରାସ୍ତାରେ ପଡୁଛି। ଏହା ପରିବେଶକୁ ପ୍ରଦୂଷିତ କରୁଛି। ସ୍ପଷ୍ଟ ଦିବାଲୋକରେ ଟ୍ରକ୍, ହାଇଓ୍ୱା ଭଳି ଭାରିଯାନ ଚଳାଚଳ ଦୁର୍ଘଟଣା ବଢ଼ାଉଛି। ଦିନବେଳା ଉକ୍ତ ଗାଡ଼ି ଚଳାଚଳ ବନ୍ଦ କରିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ବ୍ୟବସାୟୀମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ତହସିଲଦାର ଶକ୍ତିକାନ୍ତ ରାୟ କୁହନ୍ତି, ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ। ବେଆଇନ ବାଲି ଖାଦାନଗୁଡ଼ିକୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯିବ। ବାଲି ଚାଲାଣରେ ବ୍ୟବହୃତ ଯାନବାହନଗୁଡ଼ିକର ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ ହେବ। ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ବାଲି ପରିବହନ ଉପରେ କଟକଣା ଜାରି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ■ଗାଁ ମଝି ଦେଇ ଯୋରରେ ମିଶୁଛି ଶୌଚାଳୟ ପାଣି
# ତାତିଲେ ଲୋକେ, ଘେରିଲେ ନର୍ସିଂହୋମ


ଗ୍ରାମବାସୀ ନର୍ସିଂହୋମ ଘେରାଉ କରିଛନ୍ତି।

**ଅନୁଗୋଳ ଅଫିସ, ୩।୬**

ଅନୁଗୋଳ ସହର ଉପକଣ୍ଠରେ ଥିବା ଏକ ନର୍ସିଂହୋମର ଶୌଚାଳୟ ପାଣି ନିକଟ ଗାଁ ମଝି ଦେଇ ଛଡ଼ାଯାଉଥିବା ବେଳେ ତାହା ଲିଙ୍ଗରାଯୋଡ଼ି ଯୋରକୁ ପ୍ରବେଶ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଯୋରର ପାଣିକୁ ଲୋକମାନେ ପାନୀୟ ଭାବେ ବ୍ୟବହାର କରୁଥିବାରୁ ନର୍ସିଂହୋମର ଏପରି କାର୍ଯ୍ୟକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସୋମବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଗ୍ରାମବାସୀ ନର୍ସିଂହୋମ ଘେରାଉ କରିଥିଲେ। ହେଲେ ନର୍ସିଂହୋମର ମାଲିକାଣୀ ଲୋକଙ୍କ କଥାକୁ କର୍ଣ୍ଣପାତ କରିବା ବଦଳରେ ସେମାନଙ୍କୁ ଧମକ ଚମକ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସିସିଟିଭିରେ ସବୁକିଛି କଏଦ ହୋଇଛି ଓ ପୋଲିସ ଆଣି ବାନ୍ଧି ତୁମମାନଙ୍କୁ ଥାନାକୁ ପଠାଇ ଦେବି ବୋଲି ମାଲିକାଣୀ ଧମକ ଦେଇଥିବା ପ୍ରଭାତି ସାହୁ, ଶମ୍ପାରୀ ରାଉତ, କବିତା ଦାସ, ବିପି ରାଉତ ପ୍ରମୁଖଙ୍କ ସହ ଶତାଧିକ ମହିଳା ଅଭିଯୋଗ କରିଛନ୍ତି। ତେବେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ସହ ମଙ୍ଗଳବାର ଘଟଣା ନେଇ ଆଲୋଚନା କରାଯିବ ବୋଲି କହିଛି। ଅପରପକ୍ଷରେ ନର୍ସିଂହୋମର ମାଲିକାଣୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ମତାମତ ଦେବାକୁ ମନା କରିଦେଇଥିଲେ।

## ମହିଳାଙ୍କୁ ଘରେ ଆକ୍ରମଣ କରି ଲୁଟ୍

**ରୂପ୍‌ସା,୩।୬(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଖଣ୍ଡାହାର ଗ୍ରାମର ଜଣେ ବିଧବା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରି ସୁନାହାର ଲୁଟି ନିଆଯାଇଥିବା ନେଇ ବସ୍ତା ଥାନାରେ ଅଭିଯୋଗ ହୋଇଛି। ରବିବାର ସେ ଘରେ ଥିବାବେଳେ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କର କେତେକ ସମ୍ପର୍କୀୟ ତାଙ୍କୁ ମରାପିଟା କରିବା ସହ ଚେନ ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍ଥାନୀୟଲୋକେ ମହିଳାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**କଣିହାଁ,୩।୬(ଡି.ଏନ.ଏ.)**

କଣିହାଁ ବ୍ଲକ ଦୀପଶିଖା ଶିଶୁମନ୍ଦିରଠାରେ ସୋମବାରଠାରୁ ୧୦ ଦିନିଆ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଏନ୍‌ଟିପିସିର ଅନୁରକ୍ଷଣ ବିଭାଗର ମହାପ୍ରବନ୍ଧକ ବି. ମହାରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ମାନବ ସଂସାଧନ ବିଭାଗର ବରିଷ୍ଠ ପ୍ରବନ୍ଧକ ଏକେ ଦାସ, ମୁଖ୍ୟବକ୍ତା ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ମନ୍ତ୍ରୀ ଡ. କିଶୋରଚନ୍ଦ୍ର ମହାନ୍ତି ଯୋଗ ଦେଇ ଶିକ୍ଷାର ଆବଶ୍ୟକତା ଓ ଶିଶୁ ମନ୍ଦିର ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପବିତ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଢେଙ୍କାନାଳ ଓ ଅନୁଗୋଳ ଜିଲାର ୮୦ଟି ସରସ୍ୱତୀ ଶିଶୁମନ୍ଦିରାର ନୂତନ ଭାବେ ଯୋଗଦାନ କରିଥିବା ୧୧୩ ଜଣ ଆଚାର୍ଯ୍ୟାଆଚାର୍ଯ୍ୟ ଏହି ଶିବିରରେ ଯୋଗ ଦେଇଛନ୍ତି। ୩୦ ଜଣ ପ୍ରବନ୍ଧକ, ୧୧ ଜଣ ପ୍ରଶିକ୍ଷକ, ୧୮ ଜଣ ଆଚାର୍ଯ୍ୟ, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଏହାର ସଞ୍ଚାଳନ କରୁଛନ୍ତି।



ଶିବିର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

## ଫଟୋରେ ଖବର


ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅଞ୍ଚଳରେ ଥିବା ହଟିଂ ନିକଟରେ ସୋମବାର କିନ୍ନରମାନେ ସାବିତ୍ରୀବ୍ରତ ପାଳନ କରୁଛନ୍ତି। ଜ୍ୟୋତି, ମାମାଲି, ରୀଆ, ପୂଜା, ବିଜୟିନୀ, ରଞ୍ଜିତା, ଅଙ୍ଗୁରବାଳା, କରୁଣା ଓ ସୁବି ପ୍ରମୁଖ ଯଥାରୀତି ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମାଜରେ ସମ୍ମାନର ସହ ବଞ୍ଚିବା ଉଦ୍ଦେଶ୍ୟରେ ସେମାନେ ଏହି ବ୍ରତ ପାଳନ କରୁଥିବା କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୪ ଜୁନ /୨୦୧୯, Dhenkanal, Tuesday June 4 / 2019

## ସଂକ୍ଷେପରେ

### ଅପହୃତା ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

ଛେଣ୍ଡିପଦା,୩।୬ (ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଛେଣ୍ଡିପଦା ପୋଲିସ ରବିବାର ଉଦ୍ଧାର କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କଣିହାଁ ଥାନା ଅଞ୍ଚଳର ଜଣେ ନାବାଳକ ସମ୍ପୃକ୍ତା ନାବାଳିକାଙ୍କୁ ଭଲ ପାଉଥିଲେ। ନାବାଳିକାଙ୍କ ଘରେ କେହି ନ ଥିବାବେଳେ ନାବାଳକ ଜଣକ ତାଙ୍କୁ ନେଇ ଘରୁ ପଳାଇବା ସହ ଏକ ମନ୍ଦିରରେ ବିବାହ କରିଥିଲେ। ଏ ନେଇ ଗତ ମାସ ୩୧ ତାରିଖରେ ନାବାଳିକାଙ୍କ ବାପା ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ଛେଣ୍ଡିପଦା ଥାନା ଏସ୍‌ଆଇ ବିଜୟ କୁମାର ସ୍ୱାଇଁ ନଂ. ୧୭୬/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲେ। କଣିହାଁ ଥାନା ଅଞ୍ଚଳରୁ ଉଭୟ ନାବାଳିକା ଓ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ଡାକ୍ତରୀମାଇନା କରାଯିବା ସହ ସୋମବାର ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇ ଧାରା ୧୬୪ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିବା ପୋଲିସ କହିଛି।

### ବଜ୍ରାଘାତରେ ଜଣେ ମୃତ

ତାଳଚେର,୩।୬(ନି.ପ୍ର.)- ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମରେ ସୋମବାର ସନ୍ଧ୍ୟାରେ ବଜ୍ରପାତ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଗଦେଇ ନାଏକ। ସେ ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ସେ ଟଳି ପଡିଥିଲେ। ଖବର ପାଇ କଲିୟାରୀ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

■ଦେବାଳୟରେ ବ୍ରତଧାରୀଙ୍କ ଭିଡ଼

# ସ୍ୱାମୀଙ୍କ ପାଇଁ ଶୁଭ ମନାସିଲେ

**ଅନୁଗୋଳ ଅଫିସ, ୩।୬**

ସାବିତ୍ରୀ ବ୍ରତ ପାଇଁ ସୋମବାର ଅନୁଗୋଳ ସହରର ମନ୍ଦିରଗୁଡ଼ିକରେ ପ୍ରବଳ ଭିଡ଼ ହୋଇଥିଲା। ବିଶେଷକରି ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ଭୋର ସମୟରୁ ହିଁ ବ୍ରତଧାରୀମାନେ ଲମ୍ବା ଲାଇନ ଲଗାଇ ସ୍ୱାମୀଙ୍କ ଶୁଭ ମନାସିଥିଲେ। ଅପରାହ୍ନ ଯାଏ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଥିଲା।

ସାବିତ୍ରୀ ପାଇଁ ଗତ ଦୁଇ ଦିନ ଧରି ଅନୁଗୋଳ ସହରରେ ଯେପରି ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା ଠିକ୍ ସେହିପରି ସୋମବାର ଭୋର ସମୟରୁ ହିଁ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ଭୋଗ ଥାଳି ଧରି ମନ୍ଦିର ମୁହାଁ ହୋଇଥିଲେ। ଭିଡ଼ ଏଡ଼ାଇବା ପାଇଁ ବ୍ରତଧାରୀମାନେ ସକାଳୁ ମନ୍ଦିରରେ ପହଞ୍ଚୁଥିବାରୁ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଫଳରେ ଧାଡ଼ି ଶେଷ ବେଳକୁ ପ୍ରାୟ ଅପରାହ୍ନ ୨ଟା ବାଜିଯାଇଥିଲା। ସେହିପରି କିନ୍ନରମାନେ ମଦନମୋହନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଜେଲରେ ଥିବା ମହିଳା କଏଦୀମାନେ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରିଥିଲେ। ଏଥିପାଇଁ ଜେଲ ପରିସରରେ ଥିବା ମନ୍ଦିରରେ ସେମାନେ ଏକତ୍ର ହୋଇଥିଲେ। ବିଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଥିପାଇଁ ମନ୍ଦିରଗୁଡ଼ିକରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ସାବିତ୍ରୀ ଅମାବାସ୍ୟାରେ ଅନୁଗୋଳ ବୁଢୀ ଠାକୁରାଣଙ୍କଠାରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।



ମଦନମୋହନ ମନ୍ଦିରଠାରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳୁଛନ୍ତି।

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ଭେଟିଲେ ବିଧାୟକ



**ପବିତ୍ରନଗର/କଣିହାଁ, ୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକରେ ଗତ ଗୁରୁବାର ଓ ଶୁକ୍ରବାର କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ସୋମବାର ପାଲଲହଡ଼ା ବିଧାୟକ ମୁକେଶ ପାଲ ବିଭିନ୍ନ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତଙ୍କୁ ଭେଟିଛନ୍ତି। ବିଧାୟକ ପ୍ରଥମେ ବୁରୁକୁନା ପଞ୍ଚାୟତର ଶରଧାପୁର ଗ୍ରାମରେ କନକେଶ୍ୱରୀ ପୀଠକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ପରେ ଝୁଲାଖୁଣ୍ଟିଆ ଗ୍ରାମରେ ମା' ମଙ୍ଗଳାଙ୍କୁ ଦର୍ଶନ କରି ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ଭେଟିଥିଲେ। କ୍ଷତିଗ୍ରସ୍ତ ହରିଜନସାହିର ଲୋକଙ୍କ ସହ କ୍ଷୟକ୍ଷତି ନେଇ ଆଲୋଚନା କରିଥିଲେ। ପରେ ମହୀଧରପୁର, ବୁରୁକୁନା ଗ୍ରାମକୁ ଯାଇଥିଲେ। ବିଧାୟକ ପାଲ ରାଜସ୍ୱ ବିଭାଗ ଅଧିକାରଙ୍କୁ ଯୋଗାଯୋଗ କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେହିପରି କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଖଜୁରିଆ ଗ୍ରାମର ତେଲୁ ସାହୁଙ୍କ ଘର ଉପରେ ଶୁକ୍ରବାର ସନ୍ଧ୍ୟାରେ ଗଛ ପଡିବାରୁ ସ୍ତ୍ରୀ ଚଞ୍ଚଳା ସାହୁଙ୍କ ମୃତ୍ୟୁ ଘଟିଥିଲା। ବିଧାୟକ ପାଲ, କଣିହାଁ ବିଡିଓ ରମେଶ ଜେନା ପ୍ରମୁଖ ମୃତକଙ୍କ ପରିବାରକୁ ଭେଟିଥିଲେ। ତାଙ୍କୁ ସମବେଦନା ଜଣାଇବା ସହ ଖୁବଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ କେତେଜଣ ସାମାଜିକ କର୍ମୀ ଓ ବିଜୁ ଯୁବ ବାହିନୀ ସଦସ୍ୟ ତାଙ୍କ ଘର ଉପରୁ ଗଛ ହଟାଇଥିବା ଜଣାପଡିଛି। ବିଧାୟକଙ୍କ ଏହି ପରିଦର୍ଶନ ବେଳେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପୂର୍ବତନ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ବିଜେଡି କର୍ମୀ ସୁବାସ ମହାନ୍ତି, ଦୁର୍ଯ୍ୟୋଧନ ସାହୁ, ନୃସିଂହ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ମୃତା ପରିବାରକୁ ସହାୟତା ପ୍ରତିଶ୍ରୁତି**

## ୫ ଟ୍ରାକ୍ଟର ସହ ଜେସିବି ଜବତ, ୧ ଲକ୍ଷ ଆଦାୟ

**କଣିହାଁ, ୩।୬(ଡି.ଏନ.ଏ.)**

କଣିହାଁ ତହସିଲ ପକ୍ଷରୁ ସୋମବାର ଘଣ୍ଟିଆନାଳୀ ଗ୍ରାମ ନିକଟ ତିକିରା ନଦୀ କୂଳରେ ଚଢ଼ାଉ କରାଯାଇଥିଲା। ନଦୀଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ଅଭିଯୋଗରେ ୫ ଟ୍ରାକ୍ଟର ସହ ଏକ ଜେସିବି ଜବତ ହୋଇଥିଲା। ଏଥିସହ ଟ୍ରାକ୍ଟର ପିଛା ୧୫ ହଜାର ଓ ଜେସିବି ବ୍ୟବହାରକୁ ନେଇ ୨୫ ହଜାର ଟଙ୍କା ଭାବେ ୧ ଲକ୍ଷ ଟଙ୍କା ବଡଗୁଣ୍ଡୁରୀ ରାଜସ୍ୱ ନିରୀକ୍ଷକ ଜରିମାନା ଆଦାୟ କରିଛନ୍ତି। ଜରିମାନା ଆଦାୟ ପରେ ଟ୍ରାକ୍ଟର ଓ ଜେସିବିକୁ ଛାଡି ଦିଆଯାଇଥିବା କଣିହାଁ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ




**ବଇଣ୍ଡା,୩।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରୋଗୀ ତଥା ବାଟୋଇଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିଛନ୍ତି। ତେବେ ଉକ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ଥଣ୍ଡା ପାଣି ମିଳିପାରୁ ନାହିଁ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୬ ମାସ ତଳେ ପାଣି ଥଣ୍ଡା କରୁଥିବା ମେଶିନଟି ଅଚଳ ହୋଇପଡ଼ିଥିଲା। ଗ୍ରାମବାସୀ ଓ ହଣ୍ଡପା ବ୍ୟବସାୟୀ ସଂଘ ପକ୍ଷରୁ ଏ ନେଇ କିଶୋରନଗର ବ୍ଲକ ଜଳ ଯୋଗାଣ କାର୍ଯ୍ୟାଳୟଠାରେ ଅଭିଯୋଗ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହାର ମରାମତି କରାଯାଇନାହିଁ। ସେହିପରି ପ୍ରକଳ୍ପରେ ଲାଗିଥିବା ଗୋଟିଏ ଟ୍ୟାପ ଭାଙ୍ଗିଯାଇଥିବା ଯୋଗୁ ପାଣି ନଷ୍ଟ ହେଉଛି। ତୁରନ୍ତ ଟ୍ୟାପ ସହ ଉକ୍ତ ମେଶିନଟି ମରାମତି କରିବା ପାଇଁ ଗ୍ରାମର ସରୋଜ ମିଶ୍ର, ଅରକ୍ଷିତ ମିଶ୍ର, ସୁଶାନ୍ତ ସାହୁ, ପୂର୍ଣ୍ଣେନ୍ଦୁ ଶେଖର ଦେହୁରି, ଗଣେଶ୍ୱର ପ୍ରଧାନ, ପଞ୍ଚାନନ ସାହୁ, ବ୍ରଜବନ୍ଧୁ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ହଣ୍ଡପା ସରପଞ୍ଚ ଅମୀୟ ପ୍ରଧାନ କହିଛନ୍ତି, ପ୍ରକଳ୍ପର ଦାୟିତ୍ୱ ଜଳ ଯୋଗାଣ ବିଭାଗଠାରେ ରହିଛି। ପଞ୍ଚାୟତକୁ ତାହା ହସ୍ତାନ୍ତର କରାଯାଇ ନାହିଁ। ପଞ୍ଚାୟତ ପକ୍ଷରୁ ମଧ୍ୟ ଏ ନେଇ ଜଳ ଯୋଗାଣ ବିଭାଗକୁ ଅବଗତ କରାଇଛି। ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି, ଉକ୍ତ ପ୍ରକଳ୍ପରେ ଥଣ୍ଡା କରିବା ପାଇଁ ଲାଗିଥିବା ମେଶିନଟି ଅଚଳ ହୋଇପଡ଼ିଥିବା ଯୋଗୁ ଥଣ୍ଡା ପାଣି ବାହାରୁନାହିଁ। ମେଶିନ ମରାମତି ପାଇଁ ବ୍ଲକରେ କର୍ମଚାରୀ ନାହାନ୍ତି। ଏ ନେଇ ଡିଭିଜନକୁ ଅବଗତ କରାଯାଇଛି। ତୁରନ୍ତ ପଦକ୍ଷେପ ନିଆଯିବ।

■ଏନ୍‌ଟିପିସିର ୩୦ ତମ ପ୍ରତିଷ୍ଠା ଦିବସ

# ସଫଳତା ବଜାୟ ରଖିବାକୁ ଆହ୍ୱାନ




ଏନ୍‌ଟିପିସି ଅଧିକାରୀମାନଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

**ତାଳଚେର,୩।୬(ନି.ପ୍ର.)**

କଣିହାଁ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ୩୦ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଚିଫ୍ ଜେନେରାଲ ମ୍ୟାନେଜର ରମେଶ ବାବୁ ଏନ୍‌ଟିପିସି ପତାକା ଉତ୍ତୋଳନ କରିବା ସହ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ ଯେ, ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଏନ୍‌ଟିପିସିକୁ ୨୧,୮୮୫ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଛି। ମେ ୩୧ ସୁଦ୍ଧା ଏହି କେନ୍ଦ୍ରରୁ ୩୮୧୨ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇଛି। ଏହା ପ୍ଲାଣ୍ଟ ଲୋଡ ଫ୍ୟାକ୍ଟର (ପିଏଲ୍‌ଏଫ୍)ର ୮୬.୮୧ ପ୍ରତିଶତ। ୨୦୧୮-୧୯ରେ ଏହି କେନ୍ଦ୍ରରୁ ୨୧,୨୪୨ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇଥିଲା। ଆଗାମୀ ଦିନରେ ଆସୁଥିବା ନୂତନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସହ ଏହି ସଫଳତାକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ଟାଉନଶିପ ଓ ସ୍କୁଲ ବିଲଡିଂରେ ୩୦୦ କେଡବ୍ଲ୍ୟୁପି ରୁଫଟଫ ସୋଲାର ପାୱାର କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଚଳିତ ବର୍ଷ ସିଏସ୍‌ଆର୍ ଯୋଜନାରେ ବାଳିକା ସଶକ୍ତୀକରଣ ଭଳି ନୂତନ କାର୍ଯ୍ୟକମ ହାତକୁ ନିଆଯାଇଛି ବୋଲି ଚିଫ୍ ଜେନେରାଲ ମ୍ୟାନେଜର କହିଥିଲେ। ପରେ ଏନ୍‌ଟିପିସି ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଟାଉନଶିପ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପତନଭିସଙ୍ଗମ ସଭାପତି, ଜେନେରାଲ ମ୍ୟାନେଜର ଏନ.ଏସ. ରାଓ, ବି. ମହାରଣା, କେ.କେ. ଦାସଙ୍କ ସମେତ ବରିଷ୍ଠ ଅଧିକରୀ, କର୍ମଚାରୀ, ସିଆଇଏସ୍‌ଏଫ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ